## ସଂକ୍ଷେପରେ

### ବରିଷ୍ଠଙ୍କୁ ସମ୍ମାନ ଜଣାଇବାକୁ ଆହ୍ୱାନ

**ଢେଙ୍କାନାଳ, ୧୫।୬(ରତନ ନାୟାର):** ଢେଙ୍କାନାଳ ବସଷ୍ଟାଣ୍ଡ ନିକଟ ଜିଲା ଲେଖକ ସଂସଦ ସଭାଗୃହରେ ସଭାପତି ପ୍ରହଲ୍ଲାଦ ତ୍ରିପାଠୀଙ୍କ ଅଧକ୍ଷତାରେ ବିଶ୍ୱ ବୟସ୍କ ନାଗରିକ ନିଷ୍ଠୁର ଆଚରଣ ନିରାକରଣ ସଚେତନତା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୟସର ଅପରାହ୍ନରେ ଉପନୀତ ହୋଇଥିବା ବୟସ୍କ ନାଗରିକଙ୍କୁ ହତାଦର, ଅସମ୍ମାନ, ଅତ୍ୟାଚାର ନ କରିବାକୁ ଆହ୍ୱାନ ଦିଆଯାଇଛି। ପାରିବାରିକ, ସାମାଜିକ, ବ୍ୟକ୍ତିଗତ ଏବଂ ସରକାରୀ ସ୍ତରରେ ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ନିର୍ଯାତନା ସମ୍ପର୍କରେ ଅତିଥିମାନେ ଉଦାହରଣ ମାଧମରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ନିରାକରଣ ଦିଗରେ ଗଣମାଧମ ପ୍ରତିନିଧି, ଯୁବପିଢ଼ି, ସ୍ୱେଚ୍ଛାସେବୀ ସଙ୍ଗଠନ, ପ୍ରଶାସନିକ ଅଧିକାରୀ, ଛାତ୍ରୀଛାତ୍ର ଆଗେଇ ଆସିବାକୁ ନିବେଦନ କରାଯାଇଛି।

### ଅମଲାଙ୍କୁ ଓଡ଼ିଶା ପ୍ରଜା ଦଳର ସମର୍ଥନ

ଢେଙ୍କାନାଳ,୧୫।୬(ରତନ ନାୟାର)- ବିଭିନ୍ନ ଦାବିରେ ୧୫ ଦିନ ହେଲା କଲମଛାଡ଼ ଆନ୍ଦୋଳନ ଚଳାଇଛନ୍ତି ରାଜ୍ୟ ଅମଲା ସଂଘ କର୍ମଚାରୀ। ଫଳରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇଯାଇଛି। ରାଜ୍ୟ ସରକାର ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବାବେଳେ ଜନସାଧାରଣ ମୌଳିକ ସୁବିଧା ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ସମସ୍ୟା ଦିନକୁ ଦିନ ଉତ୍କଟ ହେବାର ଲାଗିଛି। ଅମଲାଙ୍କ ଆନ୍ଦୋଳନକୁ ଓଡ଼ିଶା ପ୍ରଜା ଦଳର ରାଜ୍ୟ ମହାସଚିବ ଦିବ୍ୟରଞ୍ଜନ ସ୍ୱାଇଁ ସମର୍ଥନ ଜଣାଇଛନ୍ତି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାର ଅମଲାଙ୍କ ଦାବି ମାନି ନେବା ପାଇଁ ସେ ନିବେଦନ କରିଛନ୍ତି।

### ଓଲଟିପଡ଼ିଲା କୋଇଲା ବୋଝେଇ ଟ୍ରକ୍

ଛେଣ୍ଡିପଦା,୧୫।୬ (ଅଜିତ ଧଳ)- ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥର କୁକୁରପେଟା ଡ୍ୟାମ୍ ନିକଟରେ ଗୁରୁବାର ଭାରସାମ୍ୟ ହରାଇ ଏକ କୋଇଲା ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ତେବେ ଦୁର୍ଘଟଣା ସତ୍ତ୍ୱେ ଗାଡ଼ି ଚାଳକ ଓ ଖଲାସି ସୁରକ୍ଷିତ ରହିଥିବା ଜଣାପଡ଼ିଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ତାଳଚେରରୁ ଏକ ୧୪ ଚକିଆ ଟ୍ରକ୍ କୋଇଲା ବୋଝେଇ କରି ୬୩ନଂ. ରାଜ୍ୟ ରାଜପଥରେ ଝାରସୁଗୁଡା ଯାଉଥିବା ବେଳେ କୁକୁରପେଟା ଡ୍ୟାମ୍ ନିକଟରେ ୧୫ ଫୁଟ ତଳକୁ ଓଲଟି ପଡିଥିଲା।

# ଜମୁଛି ରଞ୍ଜାଗୋଳ ରଜ

**ବନ୍ଧାଯାଇଛି ଭଳିକି ଭଳି ଦୋଳି। ପଡ଼ିଛି ମିନାବଜାର। ରଙ୍ଗିନ ଆଲୋକମାଳା, ସାଜସଜ୍ଜା ସୃଷ୍ଟି କରୁଛି ସହରର ଭ୍ରମ। ସୁସ୍ୱାଦୁ ଚଟପଟି ଖାଦ୍ୟ ସାଙ୍ଗକୁ ପାଚିଲା ଆମ୍ବ, ପଣସ ଭଳି ଋତୁକାଳୀନ ଫଳର ବାସ୍ନାରେ ମହକୁଛି ପରିବେଶ। ଗ୍ରାମବାସୀ ଓ ପ୍ରଶାସନର ମିଳିତ ପ୍ରଚେଷ୍ଟାରେ ୨୦୦ ବର୍ଷର ପରମ୍ପରା ଉଜ୍ଜୀବିତ ହୋଇଥିବାବେଳେ ଜମୁଛି ରଞ୍ଜାଗୋଳ ରଜ।**

ସାତମାଇଲ, ୧୫।୬
(ସୁଶାନ୍ତ କୁମାର ପତି)

ରଜ ମହୋତ୍ସବ ପାଇଁ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରଞ୍ଜାଗୋଳ ଗ୍ରାମ। ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା, ଭାଇଚାରା ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ସାଧାରଣ ଭାବେ ଆରମ୍ଭ ହୋଇଥିବା ଏହି ଗଣପର୍ବ ଏବେ ମହୋତ୍ସବର ରୂପ ନେଇଛି। ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟା ଯୋଗୁ ଦୀର୍ଘ ୨୦୦ ବର୍ଷର ପରମ୍ପରା ସୁରକ୍ଷିତ ରହିଥିବାବେଳେ ଏହା ସାଜିଛି ସାଂସ୍କୃତିକ ସଦ୍‌ଭାବନାର ଅନନ୍ୟ ଉଦାହରଣ।

ରଞ୍ଜାଗୋଳ ରଜ ମହୋତ୍ସବ ୧୪ ତାରିଖରୁ ଆରମ୍ଭ ହୋଇଛି। ଏହା ୧୭ ତାରିଖ ଯାଏ ଚାଲିବ। ଐତିହ୍ୟସମ୍ପନ୍ନ ଏହି ଯାତ୍ରା ପାଇଁ ବନ୍ଧୁବାନ୍ଧବଙ୍କ ସମାଗମରେ ଘର ପୂରି ଉଠିଛି। ପିଠାପଣାର ଆସର ଜମୁଛି। ସେହିପରି ଯାତ୍ରା ପଡ଼ିଆରେ ଶତାଧିକ ଉଠାଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ରଙ୍ଗିନ ଆଲୋକମାଳରେ ସମଗ୍ର ଅଞ୍ଚଳ ଇନ୍ଦ୍ରଭୁବନର ଭ୍ରମ ସୃଷ୍ଟି କରୁଛି। ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ପ୍ରଥମ ଦିନରୁ ଯାତ୍ରାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ସକାଳୁ ରାତି ୧୦ଟା ଯାଏ ବ୍ୟାପକ ଗହଳି ଲାଗିରହୁଛି। ଦେଖଣାହାରୀମାନେ ବାଙ୍କଟବିହାରୀ ମଠ, ଧୁନିଘର, ଅଷ୍ଟଶମ୍ଭୁ ମନ୍ଦିର, ବୃନ୍ଦାବତୀ ମନ୍ଦିର, ତ୍ରିନାଥ ଗୋସାଇଁ ମନ୍ଦିର, ଶନିଶ୍ଚର ମନ୍ଦିର, ପୁରାତନ ବାଙ୍ଗି ବୁଲିବା ସୁଯୋଗ ହାତଛଡ଼ା କରୁନାହାନ୍ତି। ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ଆଲୋକୀକରଣ, ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଯାତ୍ରା କମିଟି ସଭାପତି ବାସୁଦେବ ପ୍ରଧାନ, ଉପସଭାପତି ରାଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଏସ୍‌ଡିପିଓ ଦୀପକ ଜେନା, ବାଲିମି ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ହେଉଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରଞ୍ଜାଗୋଳ ସମେତ ଅସରଡ଼ା, ବାରସିଂହା, ବାଲିମି, ସାନହିନ୍ଦୋଳ, କୁମ୍ଭିରସିଂହା ଗ୍ରାମରେ ମଧ୍ୟ ଆଡ଼ମ୍ବର ସହକାରେ ରଜ ମହୋତ୍ସବ ପାଳନ କରାଯାଉଛି।





ବିକ୍ରି କରାଯିବାକୁ ରଖାଯାଇଥିବା ପଣସ।

### ସୁସ୍ୱାଦୁ ଫଳ, କୃଷି ସରଞ୍ଜାମର ସମ୍ଭାର

ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା ପାଇଁ ସିଦ୍ଧ ସନ୍ନ୍ୟାସୀ ବାବା ବାଙ୍କଟବିହାରୀଙ୍କ ଦ୍ୱାରା ଏହି ଯାତ୍ରାର ପରିକଳ୍ପନା କରାଯାଇଥିଲା। ସମୟକ୍ରମେ ଏହାର କଳେବର ବ୍ୟାପକ ହୋଇଛି। ୪ଦିନ ଧରି ହେବାକୁ ଥିବା ଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଛି ସୁସ୍ୱାଦୁ ଫଳ, କୃଷି ସରଞ୍ଜାମର ସମ୍ଭାର। ଚଳିତ ବର୍ଷ ଜିଲା ତଥା ଜିଲା ବାହାରର ଅନେକ ବ୍ୟବସାୟୀ ଆମ୍ବ, ପଣସ, ସପୁରି, ଖଜୁରି, ଜାମୁକୋଳି ସମେତ ବିଭିନ୍ନ କିସମର ଫଳ ବିକ୍ରି କରିବାକୁ ଆସିଛନ୍ତି। ଏହି କୃଷିଭିତ୍ତିକ ପର୍ବରେ ବିଭିନ୍ନ କୃଷି ଉପକରଣ ମଧ୍ୟ ବିକ୍ରି ହେଉଛି। ଏହାକୁ କିଣିବା ଲାଗି ଚାଷୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହେଉଛି।

- ୨୦୦ ବର୍ଷର ପରମ୍ପରା ଉଜ୍ଜୀବିତ
- ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ପ୍ରବଳ ଭିଡ଼

### କଳେବର ବ୍ୟାପକ ହୋଇଛି



ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା ପାଇଁ ପ୍ରଜ୍ଞାପୁରୁଷ ବାବା ବାଙ୍କଟ ବିହାରୀ ମହାରାଜ ଏହି ଅନୁଷ୍ଠାନ ଆରମ୍ଭ କରିଥିଲେ। ସମୟକ୍ରମେ ଏହାର କଳେବର ବ୍ୟାପକ ହୋଇଛି।
-ବାବା ମାଧବାନନ୍ଦ ଦାସ, ମଠାଧୀଶ

### ଭାଇଚାରାର ପ୍ରତୀକ ସାଜିଛି



ରଞ୍ଜାଗୋଳ ରଜ ମହୋତ୍ସବ ଭାଇଚାରର ପ୍ରତୀକ ସାଜିଛି। ଏହି ଗଣପର୍ବ ଯୁବପିଢ଼ିକୁ ଏକାଠି କରିବାରେ ସଫଳ ହୋଇଛି। ପୂର୍ବାପେକ୍ଷା ମେଳା ଅଧିକ ଆକର୍ଷଣୀୟ ହେଉଛି।
-ବାସୁଦେବ ପ୍ରଧାନ, ଯାତ୍ରା କମିଟି ସଭାପତି

### ହସ ଖୁସିରେ ଘର ପୂରିଉଠୁଛି



ଓଡ଼ିଶାର ଗଣପର୍ବ ରଜ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଏକାଠି କରିବାର ସୁଯୋଗ ଆଣିଦେଇଛି। ପିଠାପଣାର ଆସର ଜମୁଛି। ପ୍ରତି ଘର ହସ ଖୁସିରେ ପୂରିଉଠିଛି।
-ପୁଷ୍ପଲତା ସାହୁ, ଗୃହିଣୀ

### ସମସ୍ତେ ସହଯୋଗ କରୁଛନ୍ତି



ଚଳିତବର୍ଷ ରଜ ପର୍ବ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ଗ୍ରାମବାସୀ, ସ୍ଥାନୀୟ ପ୍ରଶାସନ ଏଥିରେ ସହଯୋଗ କରୁଛନ୍ତି।
-ସୁରେନ୍ଦ୍ର ଦେହୁରୀ, ଗ୍ରାମବାସୀ

### ବର୍ଷକୁ ବର୍ଷ ଜନସମାଗମ ବଢୁଛି



ବାପ, ଅଜା ଅମଳରୁ ରଞ୍ଜାଗୋଳ ରଜ ମେଳାକୁ ବ୍ୟବସାୟ କରିବାକୁ ଆସୁଛି। ଶୃଙ୍ଖଳିତ ପରିଚାଳନା କାରଣରୁ ବର୍ଷକୁ ବର୍ଷ ଜନସମାଗମ ବଢୁଛି।
-ପ୍ରାଣବନ୍ଧୁ ସାହୁ, ବ୍ୟବସାୟୀ

# ସ୍ୱଚ୍ଛସାରଥିଙ୍କୁ ସହଯୋଗ କର



ଢେଙ୍କାନାଳ ସାମାଜିକ ସାଂସ୍କୃତିକ ବିକାଶ ସଂଘ ସଦସ୍ୟଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ସ୍ୱଚ୍ଛ ସାରଥିମାନେ।

ଢେଙ୍କାନାଳ, ୧୫।୬(ରତନ ନାୟାର)

ରଜ ଅବସରରେ ଢେଙ୍କାନାଳ ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାର ସ୍ୱଚ୍ଛ ସାରଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସ୍ୱଚ୍ଛସାରଥିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଦୈନିକ ସକାଳୁ ଘରଘର ବୁଲି ଅଳିଆ ସଂଗ୍ରହ କରି ସହରକୁ ପରିଷ୍କାର ରଖୁଛନ୍ତି। ଏହି କାର୍ଯ୍ୟରେ ସହରବାସୀ ସେମାନଙ୍କୁ ସହଯୋଗ କରିବା ଉଚିତ ବୋଲି ଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ସ୍ୱରୂପାରାଣୀ ମିଶ୍ର, ପଦ୍ମାଳୟା ଦାସ ଆହ୍ୱାନ ଦେଇଥିଲେ। ସାମାଜିକ ସାଂସ୍କୃତିକ ବିକାଶ ସଂଘର ସଦସ୍ୟା ଅନନ୍ୟା ଦାସ, ସୌମ୍ୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ରଜ ବିଶେଷାଙ୍କ' ପତ୍ରିକା ଉନ୍ମୋଚିତ

ଢେଙ୍କାନାଳ, ୧୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠାନର ସଭାଗୃହରେ ରଜ ମଉଜ ଉତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ଛତୁ ଚାଷୀ ଅଜୟ ପୃଷ୍ଟି, କବି ଅରୁଣ ସାହୁଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବାହନଗା ଦୁର୍ଘଟଣାର ମୃତକଙ୍କ ସ୍ମୃତିଚାରଣ କରାଯିବା ସହ ଗୁରୁତରଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସଂସଦର ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଦେଷ୍ଟା ରଘୁନାଥ ସିଂ, ସମ୍ମାନିତ ଅତିଥି ଇନ୍ଦିପୁର ଗ୍ରାମ ବିକାଶ ପରିଷଦ ସମ୍ପାଦକ ଶେଷଦେବ ସାହୁ, ସଂସଦର ସମ୍ପାଦକ ତ୍ରିଲୋଚନ ମହାରଣା ଯୋଗ ଦେଇଥିଲେ। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ରଜ ବିଶେଷାଙ୍କ' ପତ୍ରିକା ଉନ୍ମୋଚିତ ହୋଇଥିଲା। ଏଥିସହ ରଜ ମଉଜ କବିତା ଆସର ସାଙ୍ଗକୁ ସୁସ୍ୱାଦୁ ପିଠା ଓ ମିଠା ବଣ୍ଟନ କରାଯାଇଥିଲା। ହେମନ୍ତ କୁମାର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କବି ଧନେଶ୍ୱର ସେନାପତି, ରବିନାରାୟଣ ନାୟକ, ନାରାୟଣ ବ୍ରହ୍ମ, ହେମନ୍ତ ନାୟକ, ଦିଲୀପ ମୁଦୁଲି, ଯଶୋବନ୍ତ ପୃଷ୍ଟି, ଦୁଃଶାସନ ସାହୁ, ଧ୍ରୁବଚରଣ ରାଉତ, ମହେଶ୍ୱର ନାୟକ, ଭାସ୍କର ଚନ୍ଦ୍ର ବେହେରା, ପ୍ରଶାନ୍ତ ସାହୁ, ଆଦିତ୍ୟ ରାଉତ, ବସନ୍ତ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



ସାଗର ସାହିତ୍ୟ ସଂସଦ ପକ୍ଷରୁ ରଜ ମଉଜ।

# ରାଜନେତାଙ୍କ ଜୀବନ ପ୍ରତି ବିପଦ

କାମାକ୍ଷାନଗର, ୧୫।୬
(ସୁଧୀର ପରିଡ଼ା)

କାମାକ୍ଷାନଗରର ଯୁବ ବିଜେଡି ନେତା କାହ୍ନୁଚରଣ ସାହୁଙ୍କ ଉପରେ ହୋଇଥିବା ଗୁଳିମାଡ଼ ଘଟଣାକୁ ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସାମୂହିକ ସ୍ୱାର୍ଥ ଅପେକ୍ଷା ରାଜନେତାମାନେ ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଏଭଳି ଘଟଣା ଘଟୁଛି। ଏହାକୁ ରୋକା ନ ଗଲେ ଆଗାମୀ ଦିନରେ ସଙ୍କଟ ସୃଷ୍ଟି ହେବ ବୋଲି ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ କହିଛନ୍ତି।

କାହ୍ନୁଙ୍କ ଉପରକୁ ପୂର୍ବରୁ ଦୁଇ ଥର ଆକ୍ରମଣ ହୋଇଥିଲା। ଏପରି କି ବିଗତ ଦିନରେ ଯୁବ ବିଜେଡି ସଭାପତି ଯଶୋବନ୍ତ ପରିଡ଼ା, ସମିତିସଭ୍ୟ ଦୀପକ ମହନ୍ତ, ଦିଘି ପଞ୍ଚାୟତର ପୂର୍ବତନ ସମିତିସଭ୍ୟଙ୍କୁ ହତ୍ୟା କରାଯାଇଛି। ରାଜନେତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ତଥାପି ଶାସକ ଦଳର ସ୍ଥାନୀୟ ନେତୃମଣ୍ଡଳୀ ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ପୋଲିସ ପ୍ରଶାସନ ଅଭିଯୁକ୍ତଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରହସ୍ୟ ଉନ୍ମୋଚନ କରିବାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଜିଲା ଉପସଭାପତି ପବିତ୍ର ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ରାସବିହାରୀ ବେହେରା, ନଗର ମଣ୍ଡଳ ସଭାପତି ସନ୍ଦୀପ ପଟ୍ଟନାୟକ, ନଗର ମଣ୍ଡଳ ପ୍ରଭାରୀ ରବିନାରାୟଣ ସାହୁ, ମିଡିଆସେଲ ପ୍ରଭାରୀ ଚନ୍ଦନ ବେହେରା ପ୍ରମୁଖ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

କାମାକ୍ଷାନଗର, ୧୫।୬
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା ଯୁବ ବିଜେଡିର ପୂର୍ବତନ ଉପସଭାପତି କାହ୍ନୁଚରଣ ସାହୁଙ୍କ ଉପରେ ହୋଇଥିବା ଗୁଳିକାଣ୍ଡ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ଏଭଳି ସମ୍ବେଦନଶୀଳ ଘଟଣା ପରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଏସ୍‌ପି ମନୋରଞ୍ଜନ ମହାପାତ୍ର, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ ପ୍ରମୁଖ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତନାଘନା କରାଯାଇଛି। ଘଟଣାସ୍ଥଳରୁ ଗୋଟିଏ ଖୋକା ଜବତ କରାଯାଇଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡ଼ିବେ ବୋଲି ଏସ୍‌ପି କହିଛନ୍ତି।

କାହ୍ନୁଚରଣ କୌଣସି କାର୍ଯ୍ୟରେ ଯାଇ ବୁଧବାର ରାତି ପ୍ରାୟ ୧୧ଟାରେ ନିଜ କାର୍‌ରେ ଘରକୁ ଫେରୁଥିଲେ। ଘର ସମ୍ମୁଖରେ ଗାଡ଼ି ରଖି କାହା ସହ ଫୋନ୍‌ରେ କଥା ହେଉଥିବାବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ତାଙ୍କ ଡାହାଣ ଜଙ୍ଘ ଏବଂ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କାମାକ୍ଷାନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏଥିପୂର୍ବରୁ କାହ୍ନୁଙ୍କୁ ୨ଥର ହତ୍ୟା ଉଦ୍ୟମ କରାଯାଇଥିଲା। ୨୦୨୨ ଅକ୍ଟୋବର ୧୮ରେ ବିଳମ୍ବିତ ରାତିରେ ତାଙ୍କ ଘର ଓ ଗାଡ଼ି ଉପରକୁ ବୋମା ମାଡ଼ ହୋଇଥିଲା। ଏଥିରେ ତାଙ୍କ କାର୍ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ଡିସେମ୍ବର ୨୮ରେ ସେ ଠିକାଦାରି ସମ୍ପର୍କିତ କୌଣସି କାର୍ଯ୍ୟରେ ଢେଙ୍କାନାଳ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଆସିଥିବାବେଳେ ତାଙ୍କୁ ଅପହରଣ ଉଦ୍ୟମ କରାଯାଇଥିଲା। ହେଲେ ସେ ଦୁର୍ବୃତ୍ତଙ୍କ କବଳରୁ ଖସିଯାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଭିତରକୁ ଦୌଡ଼ି ପଳାଇଥିଲେ। ଅଭିଯୁକ୍ତମାନେ ତାଙ୍କ ଉପରକୁ ଗୁଳିଚଳାଇଥିଲେ ମଧ୍ୟ ସେ ବର୍ତ୍ତିଯାଇଥିଲେ। ବୁଧବାର ଘଟଣାକୁ ମିଶାଇ ଗତ ୯ ମାସ ମଧ୍ୟରେ ତାଙ୍କୁ ୩ଥର ହତ୍ୟା ଉଦ୍ୟମ କରାଗଲାଣି। ତେବେ କିଏ ଏବଂ କେଉଁ କାରଣରୁ କାହ୍ନୁଙ୍କୁ ମାରିବାକୁ ଚାହୁଁଛି ତାହା ଅସ୍ପଷ୍ଟ ରହିଛି।

ଏ ସଂକ୍ରାନ୍ତରେ ଏସ୍‌ପି କୁହନ୍ତି, କାହ୍ନୁ ରାଜନୀତି, ଠିକାଦାରି, ଲଘୁ ଖଣିଜ ସାମଗ୍ରୀ ବ୍ୟବସାୟରେ ସକ୍ରିୟ ଅଛନ୍ତି। ଯେହେତୁ ତାଙ୍କ ଉପରେ ୩ ଥର ଆକ୍ରମଣ ହେଲାଣି, ଏଥିରେ ନିଶ୍ଚିତ ଭାବେ କିଛି ରହସ୍ୟ ରହିଛି। ଏହାର କାରଣ ଖୋଜିବା ପାଇଁ ୨ଟି ସ୍କ୍ୱାଡ୍ ଗଠନ କରାଯାଇଛି। କାମାକ୍ଷାନଗର ଅଞ୍ଚଳର କେତେଜଣ ସକ୍ରିୟ ଅପରାଧୀଙ୍କ ସହ କଟକ ଏବଂ ସମ୍ବଲପୁରର ଅପରାଧୀଙ୍କ ସମ୍ପର୍କ ରହିଛି। ସେମାନେ ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତଙ୍କୁ ବନ୍ଧୁକ ଯୋଗାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡ଼ିବେ। କାମାକ୍ଷାନଗରରେ ଦ୍ରୁତ ବିକାଶମୂଳକ କାର୍ଯ୍ୟ ହେଉଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଏସ୍‌ପି ସ୍ୱୀକାର କରିଛନ୍ତି।



ଡିଆଇଜି ଏବଂ ଏସ୍‌ପି ଘଟଣାସ୍ଥଳରେ ତଦାଘନା କରୁଛନ୍ତି।

**ବିଜେଡି ନେତାଙ୍କୁ ଗୁଳିମାଡ଼ ମାମଲା**
- ୯ ମାସରେ ୩ ଥର ହତ୍ୟା ଉଦ୍ୟମ
- ଘଟଣାସ୍ଥଳରେ ଏସ୍‌ପି, ଡିଆଇଜି

### ଟାଣୁଆ ନେତାଙ୍କ ପାଖଲୋକ

୨୦୦୫ରେ କାମାକ୍ଷାନଗର ଥାନାଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ତତ୍କାଳୀନ ବିଧାୟକ ପ୍ରଫୁଲ୍ଲ ମଲ୍ଲିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କାହ୍ନୁ ମୁଖ୍ୟ ସାକ୍ଷୀ ଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ଏଥିସହ ଅଞ୍ଚଳର ଟାଣୁଆ ନେତାଙ୍କ ନିକଟତର ହେବାକୁ ଉଦ୍ୟମ କରି ସଫଳ ହୋଇଥିଲେ। ଏହାପରେ ରାଜନୀତିରେ ତାଙ୍କ ପତିଆରା ବଢ଼ିଥିଲା। ଖୁବ୍ କମ୍‌ଦିନରେ ଠିକାଦାରି, ଲଘୁଖଣିଜ ସାମଗ୍ରୀ ବ୍ୟବସାୟ କରିବା ସହ ରାଜନୀତିରେ ସକ୍ରିୟ ହୋଇଉଠିଲେ। ଏହା ଯଦିଓ ତାଙ୍କୁ ପରିଚୟ ଦେଲା, ତଥାପି ଜାଣତ ଅଜାଣତରେ ସେ ଅନେକ ଶତ୍ରୁ ସୃଷ୍ଟି କରିଚାଲିଲେ। ଗତ ୯ ମାସ ମଧ୍ୟରେ ୩ ଥର ହତ୍ୟା ଉଦ୍ୟମ କରାଯିବା ପଛରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ହାତ ରହିଥିବା ଚର୍ଚ୍ଚା ହେଉଛି। ପୋଲିସ ତଦନ୍ତ କଲେ ଏହାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ବଦଳାଇଥିଲେ କାର୍ ରଙ୍ଗ

ଗତବର୍ଷ ଡିସେମ୍ବର ୨୮ରେ ଢେଙ୍କାନାଳ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟରୁ କାହ୍ନୁଙ୍କୁ ଅପହରଣ କରିନେବାକୁ କେତେଜଣ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବାରୁ ଗୁଳି କରିଥିଲେ। ହେଲେ ସୌଭାଗ୍ୟବଶତଃ କାହ୍ନୁ ବର୍ତ୍ତି ଯାଇଥିଲେ। ଏହି ଘଟଣା ପରେ କାହ୍ନୁ ଭୟଭୀତ ହୋଇପଡ଼ିଥିଲେ। ଲୋକଙ୍କ ନଜରରୁ ନିଜକୁ ଦୂରେଇ ରଖିବାକୁ ସେ ନିଜ କାର୍‌ର ରଙ୍ଗ ବଦଳାଇଦେଇଥିଲେ। ଏହାକୁ ନାଲିରୁ କ୍ରିମ୍ ରଙ୍ଗ କରିଦେଇଥିଲେ। ତଥାପି ତାଙ୍କୁ ଟାର୍ଗେଟ କରିଥିବା ଅଭିଯୁକ୍ତମାନେ କାହ୍ନୁଙ୍କ କୌଶଳ ଜାଣିନେଇଥିଲେ ଏବଂ ପୁନର୍ବାର ହତ୍ୟା ଉଦ୍ୟମ କରିଥିଲେ।

